# NATIONAL NEWS BULLETIN (ODIA)

## 23 August - 2025

## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ଭାରତ ଆଗାମୀ ଦିନରେ ନିଜର ମହାକାଶ କେନ୍ଦ୍ର ସ୍ଥାପନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ।
- ବିଶ୍ୱ ତାପନ, ବିପର୍ଯ୍ୟୟ ପରିଚାଳନା ଏବଂ ଫସଲ ସୁରକ୍ଷା ପାଇଁ ମହାକାଶ ବିଜ୍ଞାନର ଗୁରୁତ୍ୱ ରହିଛି ବୋଲି କହିଲେ, କୃଷି ମନ୍ତ୍ରୀ ।
- ଆସନ୍ତା ୨୫ ତାରିଖରୁ ଆମେରିକାକୁ ଡାକ ଯୋଗେ ସାମଗ୍ରୀ ପଠାଇବା ଅସ୍ଥାୟୀ ଭାବେ ସ୍ଥଗିତ ।
- ପ୍ରବଳ ବର୍ଷା ଜନିତ ପରିସ୍ଥିତି ନେଇ ଉତ୍ତରାଖଣ୍ଡର ପ୍ରଭାବିତ ଅଞ୍ଚଳରେ ଜାରି ରହିଛି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ।

ଏବଂ

- ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ।

– ୧୮ଟି ପଦକ ସହ ମଧ୍ୟପ୍ରଦେଶ ଚାମ୍ପିୟାନ୍ ।

# ପିଏମ୍-ସ୍ପେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ମହାକାଶ କ୍ଷେତ୍ରରେ ଭାରତର ବିକାଶ ହେବା ଦ୍ୱାରା ସାଧାରଣ ଲୋକଙ୍କ ଜୀବନଶୈଳୀ ସହଜ ଓ ସରଳ ହୋଇଛି । ଭିଡ଼ିଓ ବାର୍ତ୍ତାରେ ଜାତୀୟ ମହାକାଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ମହାକାଶ ଅଭିଯାନ କେବଳ ଜ୍ଞାନକୌଶଳରେ ନୁହେଁ ବରଂ ବୈଜ୍ଞାନିକ ଉଦ୍ଭାବନରେ ଅଗ୍ରଣୀ ଲାଭ କରିଛି । ଯାହାଫଳରେ ଜୀବନଧାରଣର ମାନ ସହଜ ହୋଇପାରିଛି ।

ସେ କହିଛନ୍ତି, ମହାକାଶ ପ୍ରଯୁକ୍ତିବିଦ୍ୟା ଭାରତୀୟ ଅନୁଶାସନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଗଣିତ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆଗାମୀ ଦିନରେ ଭାରତ ନିଜର ମହାକାଶ କେନ୍ଦ୍ର ସ୍ଥାପନ କରିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଖୁବ୍ କମ୍ ସମୟ ମଧ୍ୟରେ ଜାତୀୟ ମହାକାଶ କ୍ଷେତ୍ର ଯୁବାମାନଙ୍କ ମଧ୍ୟରେ ଉତ୍ସାହ ତଥା ଆଗ୍ରହ  ସୃଷ୍ଟି କରିପାରିଛି ବୋଲି ସେ କହିଛନ୍ତି । ମହାକାଶ କ୍ଷେତ୍ରରେ ଭାରତର ବୈଜ୍ଞାନିକମାନେ ବିଭିନ୍ନ ସଫଳତା ହାସଲ କରିବା ସହ ଗତ ୧୧ ବର୍ଷ ମଧ୍ୟରେ ବିଭିନ୍ନ ସଂସ୍କାର ଆଣିପାରିଛନ୍ତି ।  ଏହି ଅବସରରେ ଘରୋଇ ସଂସ୍ଥା ଦ୍ୱାରା ଭାରତ ପ୍ରଥମ ପି.ଏସ୍.ଏଲ୍.ଭି. ରକେଟ୍ ନିର୍ମାଣ

କରିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ ମଧ୍ୟ ପ୍ରଥମଥର ପାଇଁ ଘରୋଇ ଯୋଗାଯୋଗ ଉପଗ୍ରହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରୁଥିବା ନେଇ ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି । ସରକାରୀ ଏବଂ ଘରୋଇ ଭାଗିଦାରିତାରେ ପୃଥିବୀ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିବା ପାଇଁ ଏକ ସ୍ୱତନ୍ତ୍ର ଉପଗ୍ରହର ନିର୍ମାଣ ହେଉଥିବା ନେଇ ମଧ୍ୟ ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

ମହାକାଶରେ ଭାରତ ବିଶ୍ୱର ଚତୁର୍ଥ ଦେଶ ଭାବେ ଡକିଂ ଅନ୍-ଡକିଂ ଦକ୍ଷତା ପ୍ରତିପାଦନ କରିଥିବା ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

**V/O-**

ମହାକାଶ କ୍ଷେତ୍ରରେ ବୈଜ୍ଞାନିକମାନଙ୍କର ଗବେଷଣାର ଅନ୍ତ ନାହିଁ ଏବଂ ଏହାର କୌଣସି ଚୂଡ଼ାନ୍ତ ଲକ୍ଷ୍ୟ ନ ଥିବା ପ୍ରଧାନମନ୍ତ୍ରୀ କହିଥିଲେ । ଏହା ଏକ ଅବିରତ ଗବେଷଣା ହୋଇଥିବାରୁ ଏ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ବିକାଶ ମୂଳକ ନୀତିରେ ମଧ୍ୟ କ୍ରମାଗତ ପରିବର୍ତ୍ତନର ଧାରା ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଚୌହାନ-ସ୍ପେସ୍ ଡେ

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ଇସ୍ରୋ ଏକ ଭୌଗଳିକ

ପୋର୍ଟାଲ୍‌ର ବିକଶିତ କରିଛି । ଯାହା ଦେଶରେ ଦେଖାଦେଉଥିବା ମରୁଡ଼ି, ବର୍ଷାର ପରିମାଣ, ପାଣିପାଗ ଏବଂ ଅନ୍ୟାନ୍ୟ ସୂଚନା ପୂର୍ବରୁ ପ୍ରଦାନ କରିବା ଦ୍ୱାରା କୃଷକମାନଙ୍କୁ ଶସ୍ୟ ଯୋଜନା ନିର୍ଦ୍ଧାରିତ କରିବା ପାଇଁ ସହାୟକ ହେଉଛି । ନୂଆଦିଲ୍ଲୀ ଠାରେ ଜାତୀୟ ମହାକାଶ ଦିବସ ପାଳନ ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କୃଷକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଭାରତୀୟ ବୈଜ୍ଞାନିକମାନେ ସୂଚନା ପ୍ରଦାନ କରି ସ୍ୱାବଲମ୍ବି କରୁଥିବାରୁ ସେମାନଙ୍କୁ ପ୍ରଶଂସା କରିଛନ୍ତି । ଶ୍ରୀ ଚୌହାନ କହିଛନ୍ତି, ଫସଲ ବିମା ଯୋଜନା ଅଧୀନରେ ଉପଗ୍ରହ ପର୍ଯ୍ୟବେଶିତ ସୂଚନା ଆଧାରରେ ଫସଲହାନୀର ସଠିକ୍ ଆକଳନ କରାଯାଇ କୃଷକମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇପାରୁଛି । ବିଶ୍ୱରେ ହେଖାଦେଉଥିବା ଉତ୍ତାପ ବୃଦ୍ଧି, ଝଡ଼ତୋଫାନ, ମରୁଡ଼ି ଏବଂ ବିପର୍ଯ୍ୟୟ ପରିଚାଳନା ତଥା ଫସଲ ସୁରକ୍ଷା ପାଇଁ ମହାକାଶ ବିଜ୍ଞାନର ଗୁରୁତ୍ୱ ରହିଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

**V/O-1--SHIVRAJ-SINGH-CHOUHAN---SPACE-DAY**

# ଜିତେନ୍ଦ୍ର ସିଂହ-ସ୍ପେସ୍ ଡେ

ବିଜ୍ଞାନ ଓ ମହାକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ମହାକାଶ ଗବେଷଣା କ୍ଷେତ୍ରରେ ଘରୋଇ କ୍ଷେତ୍ରକୁ ନିୟୋଜିତ କରାଯିବା ଦ୍ୱାରା ବହୁବିଧ ସଂସ୍କାର ଆସିପାରିଛି । ନୂଆଦିଲ୍ଲୀ

ଠାରେ ଦ୍ୱିତୀୟ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ଡକ୍ଟର ସିଂହ କହିଛନ୍ତି, ଅପରେସନ୍ ସିନ୍ଦୂର ସମୟରେ ଭାରତର ମହାକାଶ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରର ପ୍ରଭାବ ସମଗ୍ର ବିଶ୍ୱ ଅବଗତ ହୋଇପାରିଛି ବୋଲି ସେ କହିଛନ୍ତି ।

**V/O**

# ପୋଷ୍ଟାଲ୍ ଡିପାର୍ଟମେଣ୍ଟ

ଭାରତୀୟ ଡାକ ବିଭାଗ ଆସନ୍ତା ୨୫ ତାରିଖରୁ ଆମେରିକା ସହ ଡାକ ସାମଗ୍ରୀ ଯୋଗାଯୋଗ ଅସ୍ଥାୟୀ ଭାବେ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି । ୮୦୦ ଡଲାର୍ ପର୍ଯ୍ୟନ୍ତ ମୂଲ୍ୟର ସାମଗ୍ରୀ ଉପରେ ଶୁଳ୍କ ଛାଡ଼ ସଂକ୍ରାନ୍ତ ନିଷ୍ପତ୍ତି ଚଳିତ ମାସ ୨୯ ତାରିଖରୁ ଆମେରିକା ପ୍ରତ୍ୟାହାର କରିବା ଘୋଷଣା କରିଛି । ଏହାକୁ ଦୃଷ୍ଟିରେ ରଖି ଆମେରିକାକୁ ପଠାଯାଉଥିବା ସମସ୍ତ ଆନ୍ତର୍ଜାତିକ ଡାକ ସାମଗ୍ରୀକୁ ବନ୍ଦ ରଖିବା ପାଇଁ ଯୋଗାଯୋଗ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି । ତେବେ ୧ହଜାର ଡଲାର୍ ପର୍ଯ୍ୟନ୍ତ ଉପହାର ସାମଗ୍ରୀ ଶୁଳ୍କମୁକ୍ତ ରଖାଯିବ ବୋଲି କୁହାଯାଇଛି । ଡାକ ବିଭାଗ ଏହା ସହ ଜଡ଼ିତ ସମସ୍ତ ଅଂଶିଦାରଙ୍କ ସହ କଥାବାର୍ତ୍ତା କରି ଡାକ ସେବାକୁ ବନ୍ଦ ରଖିଛି । ତେବେ ଏ ସମ୍ପର୍କରେ ବିଚାର ବିମର୍ଷ କରି ଖୁବ୍ ଶୀଘ୍ର ସେବା ପୁନଃ ଆରମ୍ଭ କରାଯିବାକୁ ପ୍ରୟାସ କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଇତିମଧ୍ୟରେ ଡାକ ମାଧ୍ୟମରେ ଆମେରିକାକୁ

ପଠାଯିବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ମଧ୍ୟ ଏହି ନିଷ୍ପତ୍ତି ବଳବତ୍ତର ରହିବ । ବୁକିଂ ହୋଇଥିବା ସାମଗ୍ରୀଗୁଡ଼ିକ ଉପରେ ପୋଷ୍ଟାଲ୍ ଖର୍ଚ୍ଚ ସମ୍ପୃକ୍ତ ପକ୍ଷଙ୍କୁ ଫେରାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଉତ୍ତରାଖଣ୍ଡ-ଥରାଳି

ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାର ଥରାଳି ଠାରେ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ସେଠାରେ ଯୁଦ୍ଧକାଳୀନ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପୁଲିସ୍, ଏସ୍.ଡି.ଆର୍.ଏଫ୍., ଏନ୍.ଡି.ଆର୍.ଏଫ୍., ସେନା, ଏସ୍.ଏସ୍.ପି. ଏବଂ ଆଇ.ଟି.ବି.ପି. ତଥା ବିଭିନ୍ନ ସଂସ୍ଥା ପକ୍ଷରୁ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ କରାଯାଉଛି । ଚେପ୍‌ଡୋ ବଜାରର ନିଖୋଜ ଥିବା ୨ ଜଣ ମହିଳାଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାରକାରୀ ଦଳ ଖୋଜି ପାଇଥିବା ବେଳେ ଅନ୍ୟ ଜଣଙ୍କୁ ଖୋଜାଖୋଜି କରୁଛନ୍ତି । ଏହି ବିପର୍ଯ୍ୟୟରେ ଫସି ରହିଥିବା ୧୫୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ତହସିଲ୍ କାର୍ଯ୍ୟାଳୟରେ ରଖାଯାଇ ଖାଦ୍ୟ, ଜଳ ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଚିବ ବିନୋଦ କୁମାର ସୁମନ କହିଛନ୍ତି, ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଏବଂ ଉଦ୍ଧାରକାରୀ ଦଳମାନେ ଘଟଣା ସ୍ଥଳରେ ମହଜୁଦ୍ ରହି ବିପର୍ଯ୍ୟୟର ମୁକାବିଲା କରୁଛନ୍ତି ।

## ଆଫ୍‌ଗାନିସ୍ତାନ ଆକ୍ସିଡେଣ୍ଟ

ଆଫ୍‌ଗାନିସ୍ତାନର ଦକ୍ଷିଣାଞ୍ଚଳ ହେଲ୍‌ମାଣ୍ଡ ପ୍ରଦେଶର ଗାର୍ମଶିର୍ ଜିଲ୍ଲାରେ ଏକ ଟ୍ରାକ୍ଟର ନଦୀ ଭିତରକୁ ଖସି ପଡ଼ିବାରୁ ଘଟଣା ସ୍ଥଳରେ ୧୨ ଜଣଙ୍କର ପ୍ରାଣହାନୀ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ତିନି ଜଣ ମହିଳା ଏବଂ ୯ ଜଣ ଶିଶୁ ରହିଛନ୍ତି । ୧୪ଜଣଙ୍କୁ ଦୁର୍ଘଟଣା ସ୍ଥଳରୁ ନିରାପତ୍ତା କର୍ମୀମାନେ ଉଦ୍ଧାର କରିଛନ୍ତି ।

## ସିସିପିଏ ପେନାଲ୍ଟି

ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ଶରୀରରୁ ଚର୍ବି ହ୍ରାସ କରିବା ଏବଂ ସୁଗଠିତ ଶରୀର ନେଇ ଭ୍ରମାତ୍ମକ ବିଜ୍ଞାପନ ପ୍ରକାଶ ଅଭିଯୋଗରେ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ସି.ସି.ପି.ଏ. ଏକ କମ୍ପାନୀ ଉପରେ ୩ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରିଛି । ସୌନ୍ଦର୍ଯ୍ୟ, ସୁସ୍ଥତା, ବ୍ୟକ୍ତିଗତ ଯତ୍ନ ଆଧାରିତ ଏହି ବ୍ରାଣ୍ଡ କମ୍ପାନୀ ଓଜନ ହ୍ରାସର ମିଥ୍ୟା ପ୍ରତିଶ୍ରୁତି ପ୍ରଚାର କରୁଥିବା ନେଇ ଅଭିଯୋଗ ଆଧାରରେ ପ୍ରାଧିକରଣ ଏହି ନିର୍ଦ୍ଦେଶ ଦେଇଛନ୍ତି । ଶରୀରରୁ ଚର୍ବି ହ୍ରାସ ଜନିତ ପୂର୍ବରୁ ଏବଂ ପରେ ଭ୍ରମାତ୍ମକ ଚିତ୍ର ପ୍ରଦର୍ଶନ କରି ବିଜ୍ଞାପନ ମାଧ୍ୟମରେ ଉପଭୋକ୍ତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ପ୍ରଦାନ କରୁଥିବା ନେଇ ଏହି ବ୍ରାଣ୍ଡ କମ୍ପାନୀ ବିରୁଦ୍ଧରେ ଅଭିଯୋଗ ରହିଥିଲା । ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ଏହି ବିଜ୍ଞାପନ

ଗୁଡ଼ିକୁ ମିଥ୍ୟା ଓ ତଥ୍ୟ ଆଧାରିତ ନୁହେଁ ଏବଂ ଭ୍ରମାତ୍ମକ ପ୍ରଚାର ବୋଲି ଦର୍ଶାଇଛି । ଭବିଷ୍ୟତରେ ଏଭଳି ବିଜ୍ଞାପନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି । ଏ କ୍ଷେତ୍ରରେ ସତର୍କ ରହିବାକୁ ପ୍ରାଧିକରଣ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

## ଖେଲୋ ଇଣ୍ଡିଆ

ଜାମ୍ମୁ ଓ କାଶ୍ମୀରର ଶ୍ରୀନଗର ସ୍ଥିତ ଡାଲ୍ ହ୍ରଦରେ ତିନି ଦିନ ଧରି ଚାଲିଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଛି । ମଧ୍ୟପ୍ରଦେଶ ୧୦ଟି ସ୍ୱର୍ଣ୍ଣ ପଦକ ସହ ୧୮ଟି ପଦକ ଜିତି ଶୀର୍ଷ ସ୍ଥାନରେ ରହିଛି । ଶ୍ରୀନଗର ଠାରେ ପ୍ରଥମଥର ପାଇଁ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଜଗତପୁର ଏବଂ ଆଲାପୁଝାରେ ସାଇ ତାଲିମ୍ କେନ୍ଦ୍ରରୁ ତାଲିମ୍ ପ୍ରାପ୍ତ ଓଡ଼ିଶା ଏବଂ କେରଳର ଖେଳାଳି ଏହି ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ୧୦ଟି ରୋଇଂ ଇଭେଣ୍ଟରେ ଏହି କ୍ରୀଡ଼ାବିତ୍‌ମାନେ ଦୁଇଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଏବଂ ସମାନ ସଂଖ୍ୟକ ବ୍ରୋଞ୍ଜ ପଦକ ଜିତିଛନ୍ତି । ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ଜାମ୍ମୁ କ୍ରୀଡ଼ା ପରିଷଦ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।